## ସଂକ୍ଷେପରେ

### ନଦୀରେ ଭାସିଯାଇ ଯୁବକ ମୃତ

**କୁଜଙ୍ଗ,୩।୯(ଡି.ଏନ.ଏ.):** ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗଡ଼କୁଜଙ୍ଗ ଗ୍ରାମର ରଞ୍ଜନ ସ୍ୱାଇଁଙ୍କ ପୁଅ ମହିମା ସ୍ୱାଇଁ(୨୦) ନଦୀରେ ଭାସିଯାଇ ମୃତ୍ୟୁବରଣ କରିଥିବା ଜଣାପଡିଛି। ଗୁରୁବାର ସକାଳେ ମହିମା ଗ୍ରାମ ନିକଟ ମାହାଙ୍ଗା ନଦୀକୁ ମାଛ ଧରିବାକୁ ଯାଇଥିଲେ। ଜାଲ ପକାଉଥିବା ସମୟରେ ଗୋଡ ଖସିଯିବାରୁ ନଦୀ ସୁଅରେ ଭାସିଯାଇଥିଲେ। ଖବର ପାଇ କୁଜଙ୍ଗ ଦମକଳବାହିନୀ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ଖୋଜାଖୋଜି କରିଥିଲେ। ୩ ଘଣ୍ଟାପରେ ମହିମାଙ୍କ ମୃତଦେହ କୈବର୍ତ୍ତଙ୍କ ଜାଲରେ ଲାଗିଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ଡାକ୍ତରଖାନା ପଠାଇଛି।

### ୧୦ନଂ. ୱାର୍ଡ କଣ୍ଟେନ୍‌ମେଣ୍ଟ ଜୋନ୍

**ନୟାଗଡ଼ ଅଫିସ/ଓଡଗାଁ,୩।୯(ସ୍ୱ.ପ୍ର.):** ଓଡଗାଁ ଏନ୍ଏସିର ୧୦ନଂ. ୱାର୍ଡ ଶିଳ୍ପୀନଗର ଓ ଖେଳପଡିଆସାହି ଅନ୍ୟାଦେଶ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। କରୋନା ଆକ୍ରାନ୍ତ ଚିହ୍ନଟ ପରେ ସଂକ୍ରମଣକୁ ଏଡାଇବା ପାଇଁ ତହସିଲଦାର ବିଜୟିତା ସାମନ୍ତସିଂହାର ଏହି କଟକଣା ଜାରି କରିଛନ୍ତି ।

### ଏଟିଏମ୍ କାର୍ଡ ବଦଳାଇ ୧.୪୦ ଲକ୍ଷ ଠକେଇ

**ନୟାଗଡ଼ ଅଫିସ,୩।୯:** ଏଟିଏମ୍ କାର୍ଡ ବଦଳାଇ ଜଣେ ବ୍ୟକ୍ତିଙ୍କଠାରୁ ୧ଲକ୍ଷ ୪୦ ହଜାର ଟଙ୍କା ଠକେଇ ହୋଇଛି। ଏ ନେଇ ଅଭିଯୋଗ ପରେ ନୟାଗଡ଼ ଟାଉନ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ ଦୁର୍ଗାପ୍ରସାଦର ବୈକୁଣ୍ଠ ଜେନା ନୟାଗଡର ଏକ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଯାଇଥିଲେ। ଟଙ୍କା ଉଠାଣରେ ସମସ୍ୟା କାରଣରୁ ପଛରେ ଥିବା ଯୁବକଙ୍କ ସହଯୋଗ ନେଇଥିଲେ। ହେଲେ ଅଜଣା ଯୁବକ ସେତେବେଳେକୁ ଏଟିଏମ୍‌ର ପାସ୍‌ୱାର୍ଡ ଜାଣି ପାରିଥିଲେ। ପରେ ଦେଖୁଛନ୍ତି କହି ଏଟିଏମ୍ କାର୍ଡ ବଦଳାଇଥିଲେ ମଧ ବୈକୁଣ୍ଠ ଜାଣିପାରି ନ ଥିଲେ।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ରାଜନଗର, ୩।୯ (ଡି.ଏନ୍.ଏ.):** ରାଜନଗର ଥାନା ଭିତରକନିକା ମୁଖ୍ୟ ରାସ୍ତାର ଘଡିଆମାଳଠାରେ ଗୁରୁବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ କୃଷ୍ଣନଗର ପଞ୍ଚାୟତ ବାଘୁଆ ଗ୍ରାମର ମାନସ ମଣ୍ଡଳଙ୍କର ମୃତ୍ୟୁ ହୋଇଥିବା ବେଳେ ରାଜେନ୍ଦ୍ର ନଗର ଗ୍ରାମର ସତ୍ୟ ମଣ୍ଡଳ ଓ ପ୍ରଦୀପ ମଣ୍ଡଳ ଗୁରୁତର ହୋଇଛନ୍ତି । ଗୁରୁତରଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଛି।

### ମା' ବୁଢ଼ୀ ଜାଗୁଲାଇଙ୍କ ସୁନା ଆଖି ଚୋରି

**ତିର୍ତ୍ତୋଲ,୩।୯(ଡି.ଏନ.ଏ.):** ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ କନକପୁର ପଞ୍ଚାୟତ କନକପୁର ଶାସନ ଗ୍ରାମରେ ଅବସ୍ଥିତ ମା' ବୁଢ଼ୀ ଜାଗୁଲାଇଙ୍କ ସୁନା ଆଖି ଚୋରି ହୋଇଥିବା କନକପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ବୁଧବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିରରେ ପଶି ମା'ଙ୍କ ଆଖିତାଡି ନେଇଥିବା ଏତଲାରେ ଦର୍ଶାଯାଇଛି। ପ୍ରକାଶଯେ, ଗୁରୁବାର ସକାଳୁ ଗ୍ରାମର ଜଣେ ମହିଳା ମନ୍ଦିରକୁ ଯାଇ ଏହା ଦେଖିବା ପରେ ଗ୍ରାମରେ ପ୍ରକାଶ କରିଥିଲେ। ଏହାପରେ ଗ୍ରାମବାସୀଙ୍କ ପକ୍ଷରୁ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଥିଲା। କନକପୁର ଅଞ୍ଚଳରେ ଅବାଧ ମଦ କାରବାର ସହ ମଦ୍ୟପଙ୍କ ପାର୍ଦୁଭାବ ବଢୁଥିବାରୁ ଚୋରି ବୃଦ୍ଧି ପାଉଥିବା ମଧ ଅଭିଯୋଗ ହୋଇଛି।

### ଦଶରଥପୁର ଆର୍‌ଆଇ ନିଲମ୍ବିତ

**ଯାଜପୁର ଅଫିସ, ୩।୯:** କାର୍ଯ୍ୟରେ ଅବହେଳା, ବିନା ଅନୁମତିରେ ଛୁଟି ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶର ଅବମାନନା ଅଭିଯୋଗରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଦଶରଥପୁର ତହସିଲର ରାଜସ୍ୱ ନୀରିକ୍ଷକ(ଆରଆଇ) ଅଶୋକ କୁମାର ପ୍ରଧାନଙ୍କୁ ନିଲମ୍ବିତ କରିଛନ୍ତି। ଜିଲାପାଳ ଦାସ ତାଙ୍କ ପତ୍ରସଂଖ୍ୟା ୧୨୫୭୫/୩।୯।୨୦୨୦ରେ ଆଇନ ଅନୁଯାୟୀ ଏହି ନିର୍ଦ୍ଦେଶ ଜାରି କରିଛନ୍ତି।

# ପଲିଥିନକୁ ଚାହିଁ ବସିଛନ୍ତି ବନ୍ୟାଦୁର୍ଗତ

**ଯାଜପୁର ଅଫିସ/ବରୀ, ୩।୯ (ଡି.ଏନ.ଏ.)**



ବନ୍ୟା ଯୋଗୁ କଚ୍ଚା ଘର ମାଟିରେ ମିଶିଯାଇଛି।





ସମ୍ପର୍କୀୟଙ୍କ ବାରଣ୍ଡାରେ ସ୍ତ୍ରୀଙ୍କ ସହ ଦିବ୍ୟାଙ୍ଗ ଗଦାଧର।

**ବ୍ରାହ୍ମଣୀ, ବୈତରଣୀ ନଦୀରେ ବନ୍ୟା**
- ଉଜାଡି ଦେଲା ୧୨୩୫ ଗ୍ରାମବାସୀଙ୍କ ପେଟପାଟଣା
- ଖୋଲା ଆକାଶ ତଳେ ବିତୁଛି ଜୀବନ
- ପାଣିରେ ବୁଡ଼ି ରହିଛି ୭୫ ହଜାର ହେକ୍ଟର ଚାଷ ଜମି

ବୈତରଣୀ ଓ ବ୍ରାହ୍ମଣୀ ନଦୀର ବନ୍ୟା ଏବେ ଯାଜପୁର ଜିଲାର ୧୨୩୫ ଗ୍ରାମର ପେଟପାଟଣା ଉଜାଡି ଦେଇଛି। ୮ ଦିନ ଧରି ଚାଷଜମି ଜଳମଗ୍ନ ହୋଇ ରହିଥିବା ସହ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବାରେ ଲାଗିଛି। ହଜାର ହଜାର ଲୋକ ଖୋଲା ଆକାଶ ତଳେ ଜୀବନ ବିତାଉଥିବାବେଳେ ମୁଣ୍ଡ ଗୁଞ୍ଜିବାକୁ ପଲିଥିନ ଖଣ୍ଡେ ପାଇଁ ଚାହିଁ ରହିଛନ୍ତି। ଏବେ ବି ଜିଲାର ବରୀ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱରେ ଥିବା ଗମ୍ଭୁ, ମହାକାଳପଡ଼ା, ସେରପୁର, ମନ୍ଦାରୀ, ଅମଠପୁର ପ୍ରଭୃତି ପଞ୍ଚାୟତର ପ୍ରାୟ ୭୪ ହଜାରରୁ ଉର୍ଦ୍ଧ୍ୱ ଲୋକ ପାଣିଘେରରେ ରହିଛନ୍ତି। ଏହି ଅଞ୍ଚଳରେ ଅତ୍ୟାବଶ୍ୟକ ଦ୍ରବ୍ୟର ଉତ୍କଟ ଅଭାବ ସାଙ୍ଗକୁ କଳାବଜାର ହେଉଥିବା ସନ୍ଦେହ କରାଯାଉଛି। କାଁ ଭାଁ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଉକ୍ତ ୮ପଞ୍ଚାୟତର ଲୋକ ଡଙ୍ଗା ଯୋଗେ ଯାଉଥିବା ବେଳେ ୬ରୁ ଉର୍ଦ୍ଧ୍ୱ ପଞ୍ଚାୟତର ଲୋକ ଜଳବନ୍ଦୀ ହୋଇରହିଛନ୍ତି।

ଅମଠପୁର, ଗମ୍ଭୁ, ମହାକାଳପଡା, ମନ୍ଦାରି, କଳାମାଟିଆ, ଅନ୍ୟାସୀପୁର, ବାଲିବିଲ, ଅଳିପୁର, ଉଦୟନାଥପୁର, ଧଅଁରା, ବୋଦୁଅ, ଚନ୍ଦନପୁର, ଧାରପୁର, ରତ୍ନଗିରି, ଅଙ୍ଗାଳୋ ପଞ୍ଚାୟତର ପ୍ରାୟ ୭୫ ହଜାର ହେକ୍ଟର ଚାଷ ଜମି ସପ୍ତାହେ କାଳରୁ ଉର୍ଦ୍ଧ୍ୱ ହେବ ବନ୍ୟା ପାଣିରେ ବୁଡ଼ି ରହି ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷ କରି କଚ୍ଚା ଘରଗୁଡ଼ିକ ବନ୍ୟାଜଳରେ ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳିଛି। ସରକାରଙ୍କ ତରଫରୁ ରିଲିଫ୍ ଘୋଷଣା କରାଯାଇଥିଲେ ବି ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱରେ ବସବାସ କରୁଥିବା ପଞ୍ଚାୟତବାସୀଙ୍କୁ ଏକ ସପ୍ତାହ ପରେ ବି କେବଳ ଶୁଖିଲା ଖାଦ୍ୟ ବ୍ୟତୀତ ଅନ୍ୟ କୌଣସି ସରକାରୀ ସହାୟତା ମିଳିନି। ଏମାନେ ବାସହରା ହୋଇ ଖୋଲା ଆକାଶ ତଳେ ଥିଲେ ବି ପ୍ରଶାସନ ପକ୍ଷରୁ ପଲିଥିନ ମିଳି ନ ଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଉଦାହରଣ ଭାବେ ମହାକାଳପଡ଼ା ପଞ୍ଚାୟତର ଦିବ୍ୟାଙ୍ଗ ଗଦାଧର ବିଶ୍ୱାଳଙ୍କୁ ନିଆଯାଇପାରେ। ଦୀର୍ଘ ୫ ବର୍ଷ ଧରି ମେରୁଦଣ୍ଡ ଜନିତ ରୋଗରେ ଆକ୍ରାନ୍ତ ହୋଇ ସରକାରଙ୍କ ତରଫରୁ ୭୫ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଛନ୍ତି। ଚଳିତ ବନ୍ୟାରେ ତାଙ୍କ ଘରେ ପାଣି ପଶିଯିବାରୁ ସେ ସମ୍ପର୍କୀୟଙ୍କ ବାରଣ୍ଡାରେ ସ୍ତ୍ରୀ ଏବଂ ଛୋଟ ପୁଅ ସହ ଆଶ୍ରୟ ନେଇଛନ୍ତି। ଦିନକୁ ଗୋଟିଏ ଓଳି ଖାଇ ଆର ଓଳି ଉପାସରେ ରହି ଜୀବନ ବଞ୍ଚାଇବାକୁ ପଡୁଛି ବୋଲି କୋହଭରା କଣ୍ଠରେ ଗଦାଧର କହିଛନ୍ତି। ରାଉତସାହି ଗ୍ରାମର କୈବଲ୍ୟ ଦଳାଇ ଓ ପ୍ରଭାକର ମଲ୍ଲିକଙ୍କ ଘର ବନ୍ୟାରେ କ୍ଷତିଗ୍ରସ୍ତ ହେବାରୁ ସେମାନେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଖୋଲା ଆକାଶ ତଳେ ଦିନ କାଟୁଛନ୍ତି। ସେମାନଙ୍କ ପାଖରେ ମଧ ସରକାରୀ ସହାୟତା ପହଞ୍ଚି ପାରିନାହିଁ ବୋଲି ଅଭିଯୋଗ କରିଛନ୍ତି।

ଗମ୍ଭୁ, ମହାକାଳପଡ଼ା ରତ୍ନଗିରି ପଞ୍ଚାୟତର ଦଳିତ ବସ୍ତିର ଏକାଧିକ ପରିବାର ଭୋକ ଉପାସରେ ଦିନ କାଟୁ ଥିବା ଦେଖିବାକୁ ମିଳିଛି। ବନ୍ୟା ପ୍ରପୀଡ଼ିତ ଲୋକମାନଙ୍କ ପାଖରେ ପ୍ରଶାସନ ତରଫରୁ ସମସ୍ତ ସୁବିଧା ପହଞ୍ଚାଇବା ଲକ୍ଷ୍ୟ ନେଇ ଜିଲାପାଳ ରଞ୍ଜନ କୁମାର ଦାସ ଏକାଧିକବାର ବରୀ ଗସ୍ତ କରି ରିଲିଫ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏଯାଏଁ ବି ତାହା ସ୍ୱାଭାବିକ ହୋଇ ନ ଥିବା ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନ ତରଫରୁ ପ୍ରଥମ ପର୍ଯ୍ୟାୟରେ ବୁଧବାର ବରୀ, ଅଲ୍ଲିପୁର, ଅଟିରା, ରତଳାଙ୍ଗ ପଞ୍ଚାୟତରେ ରାଶନକାର୍ଡ ଅନୁଯାୟୀ ପଲିଥିନ ବଣ୍ଟନ କରାଯାଇଥିଲା। ମାତ୍ର ଅନ୍ୟ ପଞ୍ଚାୟତରେ ବଣ୍ଟନ ଶୈଳୀରେ ବ୍ୟତିକ୍ରମ ହେବାରୁ ଗୁରୁବାର ବାଲିବିଲ ଓ ଉଦୟନାଥପୁର ପଞ୍ଚାୟତରେ ପଲିଥିନ ବଣ୍ଟନକୁ ନେଇ ବନ୍ୟା ବିପନ୍ନ ଓ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏ ସଂକ୍ରାନ୍ତରେ ତହସିଲଦାର ସରୋଜକାନ୍ତ ନାୟକଙ୍କୁ ଫୋନ କରିବାରୁ ସେ ଫୋନ୍ ରିସିଭ୍ କରି ନ ଥିଲେ। ତେବେ ବରୀ ବିଡିଓ ଶିବାନନ୍ଦ ସ୍ୱାଇଁ କହିଛନ୍ତି, ବନ୍ୟା ଜଳସ୍ତର ହ୍ରାସ ପାଇଛି। ପ୍ରଶାସନ ଲୋକମାନଙ୍କ ନିକଟରେ ପହଞ୍ଚି ରିଲିଫ ସାମଗ୍ରୀ ଯୋଗାଇ ଦେବାକୁ ଉଦ୍ୟମ କରୁଛନ୍ତି।

# ପାଣିକୋଇଲି ଟୋଲ୍‌ପ୍ଲାଜା ଆଗରେ ଧାରଣା

**ଯାଜପୁର ଅଫିସ/କୋରେଇ(ସ୍ୱ.ପ୍ର.), ୩।୯**





ଟୋଲ୍‌ପ୍ଲାଜା ଆଗରେ ଯୁବକମାନେ ଧାରଣା ଦେଇଛନ୍ତି।

- ବାହାର ଲୋକଙ୍କୁ ପ୍ରାଧାନ୍ୟ, ସ୍ଥାନୀୟ ଯୁବକଙ୍କୁ ଅଣଦେଖା
- ପ୍ରତିଶ୍ରୁତି ଦେଇ ମିଳିଲାନି ନିଯୁକ୍ତି
- ଥାନାରେ ତ୍ରିପାକ୍ଷିକ ବୈଠକ ବିଫଳ

ଯାଜପୁର ଜିଲାର ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ନିକଟରେ ଚାଲିଥିବା ଟୋଲପ୍ଲାଜା କର୍ତ୍ତୃପକ୍ଷ ସ୍ଥାନୀୟ ଶିକ୍ଷିତ ଯୁବକଙ୍କୁ ନିଯୁକ୍ତି ଦେବା ପ୍ରତିଶ୍ରୁତି ଦେଇ ପୁଣି ଓହରି ଯାଇଛନ୍ତି। ଟୋଲପ୍ଲାଜାରେ ଅଣଓଡ଼ିଆଙ୍କୁ ନିଯୁକ୍ତିରେ ପ୍ରାଧାନ୍ୟ ଦେଉଥିବା ଅଭିଯୋଗ କରି କେତେଜଣ ଯୁବକ ଗୁରୁବାର ଟୋଲ୍‌ପ୍ଲାଜା କାର୍ଯ୍ୟାଳୟ ସମ୍ମୁଖରେ କୋଭିଡ୍ ନିୟମ ପାଳନ କରି ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଯାଜପୁରରୋଡ୍ ଏସ୍‌ଡିପିଓ ଚିନ୍ମୟ ନାୟକ ପହଞ୍ଚି ଧାରଣାକାରୀ ଓ ଟୋଲ୍‌ପ୍ଲାଜା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହାପରେ ପାଣିକୋଇଲି ଥାନାଧିକାରୀ ସସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଧାରଣାକାରୀ ଓ ଟୋଲପ୍ଲାଜା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକରେ ଆଲୋଚନା ହୋଇଥିଲା। ସେଠାରେ ଟୋଲ୍‌ପ୍ଲାଜାର ୟୁନିୟନ ସଭାପତି ଅଜୟ ମଲ୍ଲିକ ନିଯୁକ୍ତି ପ୍ରସଙ୍ଗକୁ ମନା କରିବା ସହ ଥାନାରେ ଚାଲିଥିବା ବୈଠକ ଛାଡ଼ି ପଳାଇ ଆସିଥିଲେ। ଫଳରେ ଟୋଲ୍‌ପ୍ଲାଜା ଆଗରେ ଧାରଣା ଚାଲୁ ରହିଥିଲା। ଥାନାଧିକାରୀ ସାହୁ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ପୁଣି ଆଲୋଚନା କରି ଆସନ୍ତା ୧୦ ତାରିଖ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରବାସୀ ଓଡ଼ିଆ ଶିକ୍ଷିତ ବେକାର ଯୁବକମାନେ ଟୋଲ୍‌ପ୍ଲାଜାରେ ନିଯୁକ୍ତି ପାଇଁ ପୂର୍ବରୁ ଦାବି କରିଥିଲେ। ଏନେଇ ଯାଜପୁର ବିଧାୟକ, ଜିଲାପାଳ, ଯାଜପୁର ଏସ୍‌ପି, ଟୋଲ୍‌ପ୍ଲାଜା ମ୍ୟାନେଜର, ପାଣିକୋଇଲି ଥାନାଧିକାରୀଙ୍କୁ ଯୁବକମାନେ ଲିଖିତ ଭାବେ ଜଣାଇଥିଲେ। ନିଯୁକ୍ତି ନ ମିଳିଲେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ମଧ ଦେଇଥିଲେ। କିନ୍ତୁ କୌଣସି ଫଳ ନ ମିଳିବାରୁ ଯୁବକମାନେ ଧାରଣାରେ ବସିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଟୋଲାପ୍ଲାଜାର ୟୁନିୟନ ସଭାପତି ଅଜୟ ମଲ୍ଲିକ କୁହନ୍ତି, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ନ ଦେଇ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଉଛି। ସେ ନେଇ ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇ ତାହା ଆନ୍ଦୋଳନର ରୂପ ନେଇଛି।

ସୂଚନାଯୋଗ୍ୟ, ପାଣିକୋଇଲି ଟୋଲ୍‌ପ୍ଲାଜାକୁ ସ୍ଥାନାନ୍ତରଣ ନିର୍ଦ୍ଦେଶର ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ହେଁ ତାହା ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ୨୦୧୬ ଜୁଲାଇରେ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍ଏଚ୍ଏଆଇ) ପକ୍ଷରୁ ମଙ୍ଗୁଳି ଟୋଲ୍‌ପ୍ଲାଜାକୁ ବନ୍ଧାଲୋ, ପାଣିକୋଇଲି ଟୋଲ୍‌ପ୍ଲାଜାକୁ ଭଦ୍ରକ ଜିଲା ଆଖୁଆପଦା ଏବଂ ଶ୍ରୀରାମପୁର ଟୋଲ୍‌ପ୍ଲାଜାକୁ କେନ୍ଦ୍ରାପଡା ଜିଲା ମାର୍ଶାଘାଇକୁ ସ୍ଥାନାନ୍ତରଣ କରିବାକୁ ନିଷ୍ପତ୍ତି ହୋଇଥିଲା ।

# ୩ ଗିରଫ, ମାଷ୍ଟରମାଇଣ୍ଡ ଫେରାର

**ଜଗତ୍‌ସିଂହପୁର ଅଫିସ, ୩।୯**

**ଘରୁ ଚୋରି ମାମଲା**
**ଗହଣା ଓ ଟଙ୍କା ଜବତ**

ଜଗତ୍‌ସିଂହପୁର ଥାନା ମରିଚାପଦାର ସୟଦ ଅରସଦ୍ ଅଲ୍ଲୀଙ୍କ ଘରୁ ଗତ ମାସରେ ସୁନା ଗହଣା ଓ ଟଙ୍କା ଚୋରି ଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଜଗତ୍‌ସିଂହପୁର ପୋଲିସ ୪ଜଣଙ୍କ ମଧ୍ୟରୁ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଓହଳର ପପୁ ଶ୍ରାବି ଓରଫ ସରୋଜ ଭୋଇ(୩୧), କଟକ ଜଗତ୍‌ପୁର ଥାନା ବାରିଘୋଳର ଟିଂକି ଓରଫ ପ୍ରଶାନ୍ତ ବାରିକ (୪୫), ମାଳିସାହିଗଡ଼ାରେ ରହୁଥିବା ବିହାର ରାଜ୍ୟ ବେଗୁସରାଇ ଜିଲା ସାହେପୁରକମଳ ଥାନା କେଶବନଗର ଧୋବିତୋଳର ଗାନ୍ଧୀ କୁମାର (୨୩)। ସେମାନଙ୍କ ନିକଟରୁ ୧୧ ଗ୍ରାମ ସୁନା ଅଳଙ୍କାର ଏବଂ ୫,୪୦୦ ଟଙ୍କା ଜବତ ହୋଇଛି। ମାଷ୍ଟର ମାଇଣ୍ଡ ଏବେ ବି ଫେରାର ଥିବା ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁଯାୟୀ, ଅଲ୍ଲୀଙ୍କ ଘରୁ ସୁନା ଅଳଙ୍କାର ଓ ୨୦ ହଜାର ଟଙ୍କା ଚୋରି ଯାଇଥିବା ନେଇ ଗତ ମାସ ୨୫ ତାରିଖରେ ସେ ଅଭିଯୋଗ କରିଥିଲେ। ଏହା ଉପରେ ମାମଲା (ନଂ- ୨୭୮/୨୦) ରୁଜୁ କରାଯାଇଥିଲା। ବିଶେଷସୂତ୍ରରୁ ଜଣାଯାଇଥିଲାଯେ, ଚେନ୍ନାଇର ଏକ ରେଷ୍ଟୁରାଣ୍ଟରେ କାମ କରୁଥିବା ପପୁ କୋଭିଡ୍-୧୯ ଯୋଗୁ ଗାଁକୁ ଫେରିଥିଲେ। ମାର୍ଚ୍ଚ ଶେଷ ଭାଗରେ ସେ ତାଙ୍କ ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ଆଳିପିଙ୍ଗଳରେ ତାଙ୍କର ରାଜା ଖଟୁଆଙ୍କ ସହ ଦେଖା ହୋଇଥିଲା। ପରେ ସେମାନେ ଚୋରି କରିବାକୁ ନିଷ୍ପତ୍ତି ନେଇଥିଲେ। ଟିଂକି ଓ ପପୁ ମିଶି ଗାନ୍ଧୀଙ୍କୁ ଚୋରି କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଏହାପରେ ଏକଦା ରାଜା, ଟିଂକି, ପପୁ ଏବଂ ଗାନ୍ଧୀ ଏକାଠି ହୋଇଥିଲେ। ମରିଚାପଦାର ସୟଦ ଅରସଦ୍ ଅଲ୍ଲୀଙ୍କ ଘରେ କେହି ନ ଥିବା ଜାଣି ସେମାନେ ସେଠାରେ ପହଞ୍ଚିଥିଲେ। ଟିଂକି ଓ ଗାନ୍ଧୀ ବାହାରେ ଜଗିଥିବା ବେଳେ ରାଜା, ପପୁ ତାଲା ଭାଙ୍ଗି ପ୍ରବେଶ କରିଥିଲେ। ସେମାନେ ଟଙ୍କା ଓ ଅଳଙ୍କାର ଚୋରି କରି ବାଣ୍ଟି ନେଇଥିଲେ। ପପୁ ତାଙ୍କ ଭାଗ ଏକ ସଂସ୍ଥାରେ ବନ୍ଧା ପକାଇ ୩୬ ହଜାର ନେଇଥିଲେ। ତାଙ୍କ ବୟାନକୁ ଭିତ୍ତି କରି ପୋଲିସ ଟିଂକି ଓ ଗାନ୍ଧୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

# ୬ ଦିନରେ ୪୦୧ କରୋନା ପଜିଟିଭ୍

**ଜଗତ୍‌ସିଂହପୁର ଅଫିସ, ୩।୯**

**୧୩୦୦ ଟପିଲା ସଂକ୍ରମିତ ସଂଖ୍ୟା**

ଜଗତ୍‌ସିଂହପୁର ଜିଲାରେ ଗତ ମାସ ୨୯ରୁ ଚଳିତ ମାସ ୩ ତାରିଖ ସୁଦ୍ଧା ୪୦୧ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁବାର ନୂଆ ୭୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୧,୩୦୨ରେ ପହଞ୍ଚିଛି। ନୂଆ ପଜିଟିଭ୍‌ଙ୍କ ମଧ୍ୟରୁ ବାଲିକୁଦା ବ୍ଲକ ଅଞ୍ଚଳରୁ ୨, ବିରିଡ଼ି ୨, ଏରସମା ୬, ଜଗତ୍‌ସିଂହପୁର ୭, ଜଗତ୍‌ସିଂହପୁର ପୌରପରିଷଦ ୭, ପାରାଦୀପ ପୌରପରିଷଦ ୨୪, କୁଜଙ୍ଗ ୧୦, ରଘୁନାଥପୁର ୧୧ ଓ ତିର୍ତ୍ତୋଲରୁ ୧୦ ଚିହ୍ନଟ ହୋଇଛନ୍ତି। ୨ ତାରିଖରେ ଜିଲାରେ ୬୦ ସଂକ୍ରମିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବାଲିକୁଦା ୩, ବିରିଡ଼ି ୧, ଜଗତ୍‌ସିଂହପୁର ପୌରପରିଷଦ ୧୩, କୁଜଙ୍ଗ ୧, ପାରାଦୀପ ପୌର ପରିଷଦ ୩୬, ରଘୁନାଥପୁର ୨ ଓ ତିର୍ତ୍ତୋଲ ଅଞ୍ଚଳର ୪ ରହିଛନ୍ତି। ୧ ତାରିଖରେ ୭୮ ସଂକ୍ରମିତ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବାଲିକୁଦା ଅଞ୍ଚଳରୁ ୫, ବିରିଡ଼ି ୫, ଏରସମା ୩, ଜଗତ୍‌ସିଂହପୁର ୨, ନାଉଗାଁ ୩, ପାରାଦୀପ ପୌର ପରିଷଦ ୨୮, କୁଜଙ୍ଗ ୧୨, ରଘୁନାଥପୁର ୮ ଓ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ୧୨ ଜଣ ରହିଛନ୍ତି। ଗତମାସ ୩୧ରେ ୮୨ ଚିହ୍ନଟ ହୋଇଥିଲେ। ୩୦ ତାରିଖରେ ଜିଲାରେ ୬୬ ପଜିଟିଭ୍ ଚିହ୍ନଟ ହୋଇଥିଲେ। ୨୯ରେ ୩୬ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ବାଲିକୁଦାରୁ ୪, ଏରସମା ୩, ଜଗତ୍‌ସିଂହପୁର ୩, ଜଗତ୍‌ସିଂହପୁର ପୌର ପରିଷଦ ୭, କୁଜଙ୍ଗ ୭, ପାରାଦୀପ ପୌର ପରିଷଦ ୪, ରଘୁନାଥପୁର ୩ ଓ ତିର୍ତ୍ତୋଲ ଅଞ୍ଚଳରୁ ୫ ଜଣ ରହିଛନ୍ତି।

# ନୟାଗଡ଼ରେ ୧୦୦ ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୩।୯:** ଗୁରୁବାର ନୟାଗଡ଼ ଜିଲାରୁ ୧୦୦ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୩୦୯ରେ ପହଞ୍ଚିଛି। ଖଣ୍ଡପଡ଼ା ବ୍ଲକରୁ ୧୦ ଓ ଏନ୍ଏସିରୁ ୫, ନୟାଗଡ ବ୍ଲକରୁ ୧୪ ଓ ପୌରାଞ୍ଚଳରୁ ୨୩, ନୂଆଗାଁରୁ ୨, ଓଡଗାଁ ବ୍ଲକରୁ ୧୧ ଓ ଏନ୍ଏସିରୁ ୪, ରଣପୁରରୁ ୭, ଭାପୁରରୁ ୧୮, ଦଶପଲ୍ଲା ବ୍ଲକରୁ ୨ ଓ ଏନ୍ଏସିରୁ ୪ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷେ ସେପ୍ଟେମ୍ବର ୧ରୁ ଅନ୍‌ଲକ ୪ ଲାଗୁ ପରେ ବି ଜିଲାର ଦୋକାନ ବଜାର ଅପରାହ୍ନ ୨ଟା ଯାଏ ଖୋଲିଥିଲା। ବୁଧବାର ରାତିରେ ଜିଲାପାଳଙ୍କ ବିଜ୍ଞପ୍ତି ପ୍ରକାଶ ପରେ ଗୁରୁବାର ଦୋକାନ ବଜାର ରାତି ପର୍ଯ୍ୟନ୍ତ ଖୋଲା ରହିଥିବା ଦେଖିବାକୁ ମିଳିଛି।




OLA
ପ୍ରିୟ OLA ପାର୍ଟନର !
ଆପଣ ନିଜ ଅଟୋକୁ OLA ସହିତ ଜଡିତ କରିବା ପାଇଁ ଚାହୁଁଛନ୍ତି ? ଏବେ ଆଉ ଚିନ୍ତା ନାହିଁ, ଏବେ ହିଁ କଲ୍ କରନ୍ତୁ 033-40836591 । ମାତ୍ର ଗୋଟେ ହିଁ କଲ୍‌ରେ ଆପଣ Online ହୋଇ ରୋଜଗାର ଆରମ୍ଭ କରି ପାରିବେ ।
ଶୀଘ୍ର କରନ୍ତୁ ଏହା କେବଳ ସୀମିତ ସମୟ ପାଇଁ ଉପଲବ୍ଧ ।
ଧନ୍ୟବାଦ
OLA ଭୁବନେଶ୍ୱର


# ୧୭୮୯୭.୦୯ ଲକ୍ଷ ଟଙ୍କାର କ୍ଷୟକ୍ଷତି

**ଯାଜପୁର ଅଫିସ, ୩।୯**

**ବ୍ରାହ୍ମଣୀ, ବୈତରଣୀ ନଦୀରେ ବନ୍ୟା**
- ୩୭,୮୩୪ ପ୍ରାଣୀ ସମ୍ପଦ ମୃତାହତ

ଯାଜପୁର ଜିଲାରେ ବ୍ରାହ୍ମଣୀ ଓ ବୈତରଣୀ ନଦୀର ଉଛୁଳା ପାଣିରେ ହୋଇଥିବା ବନ୍ୟାରେ ଗୁରୁବାର ପ୍ରଭାବିତ ଗ୍ରାମ ସଂଖ୍ୟା ବୃଦ୍ଧି ପାଇଛି। ଏହାସହ ପ୍ରାଣୀ ସମ୍ପଦ ମୃତାହତ ସଂଖ୍ୟା ୩୭,୮୩୪ରେ ପହଞ୍ଚିଛି। ଏହାସହ ପ୍ରାୟ ୪୬,୧୧୯ ଘର କ୍ଷତିଗ୍ରସ୍ତ ଥିବାବେଳେ ସେଥିରୁ ୪୨୪୫ଟି ସମ୍ପୂର୍ଣ୍ଣ ଓ ୬୭୮୯ଟି ଗୁରୁତର ଭାବେ କ୍ଷତି ହୋଇଥିବା ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୂଚନା ଦେଇଛନ୍ତି। ବନ୍ୟା କ୍ଷୟକ୍ଷତି ରିପୋର୍ଟରେ ବୁଧବାର ପ୍ରାୟ ୭୫,୩୭୩ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଥିବାବେଳେ ଗୁରୁବାର ତାହା ହ୍ରାସ ପାଇ ପ୍ରାୟ ୭୩,୫୧୪ ହେକ୍ଟର ପ୍ରଭାବିତ ହୋଇଥିବା ଦର୍ଶାଯାଇଛି। ଜିଲାର ୧୦ଟି ବ୍ଲକର ୨୫୮ଟି ପଞ୍ଚାୟତର ୧୨୩୫ ଗ୍ରାମର ୯,୯୫,୯୪୭ ଲୋକ ପ୍ରଭାବିତ ହୋଇଛନ୍ତି। ସେଥିରୁ ୫୩,୫୨୫ ଲୋକଙ୍କୁ ୨୬୪ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ୨୬୪ଟି କେନ୍ଦ୍ରରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ୩,୦୯,୪୮୨ ପ୍ରାଣୀ ସମ୍ପଦ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ବନ୍ୟାରେ ପ୍ରାୟ ୧୭୮୯୭.୦୯ ଲକ୍ଷ ଟଙ୍କା ମୂଲ୍ୟର ରାସ୍ତା, ଗୃହ, ବ୍ରିଜ, ବିଦ୍ୟୁତ୍ ଖୁଣ୍ଟ ଇତ୍ୟାଦି ନଷ୍ଟ ହୋଇଛି। ବନ୍ୟା ବିପନ୍ନମାନଙ୍କୁ ୨୦୧୦୯.୨୭ କୁଇଣ୍ଟାଲ ଚାଉଳ, ୧୬୩୫.୯ କୁଇଣ୍ଟାଲ ଚୁଡା, ୧୬୫.୮୬ କୁଇଣ୍ଟାଲ ଗୁଡ, ୪୩୧.୬ ଏମ୍‌ଟି ଗୋଖାଦ୍ୟ, ୧,୩୦,୪୪୬ଟି ହାଲୋଜୋନ୍, ୬୧,୭୯୮ ଓଆରଏସ୍ ପାଉଚ, ୭,୩୧,୦୦୦ ପାଣି ପାଉଚ ବଣ୍ଟନ କରାଯାଇଛି ବୋଲି ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୂଚନା ଦେଇଛନ୍ତି।

# ଏସ୍‌ଡିଓଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଧାରଣା

**ବାଲିଆ,୩।୯**



ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଧାରଣା ଦେଇଛନ୍ତି।

**ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ଘଟଣା**
- ବରିଷ୍ଠ ଅଧିକାରୀ ସହଯୋଗ କରୁ ନ ଥିବାରୁ ଅସନ୍ତୋଷ

ରଘୁନାଥପୁର ବିଦ୍ୟୁତ୍ ସବ୍‌ଡିଭିଜନ କାର୍ଯ୍ୟାଳୟରେ ଗତ ସୋମବାର ପ୍ରହରାଜପୁର ଗ୍ରାମର ଜଣେ ଯୁବକ ପହଞ୍ଚି ସେଠାକାର କର୍ମଚାରୀ ସମ୍ପଦ ଚୌଧୁରୀଙ୍କୁ ମାଡ଼ ମାରିବା ସହ କାର୍ଯ୍ୟାଳୟ ଆସବାବପତ୍ର, କମ୍ପ୍ୟୁଟର ଓ ଅନ୍ୟ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଏନେଇ ରଘୁନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗର ୪ଦିନ ପରେ ମଧ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ବିରିଡି ଓ ରଘୁନାଥପୁର ସେକ୍‌ସନ ଅଧୀନରେ କାର୍ଯ୍ୟରତ ୬୦ରୁ ଉର୍ଦ୍ଧ୍ୱ କର୍ମଚାରୀ ବିରିଡ଼ି ଏସ୍‌ଡିଓଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ବିଦ୍ୟୁତ୍ କର୍ମଚାରୀ ସଂଘ ସମ୍ପାଦକ ବିଜୟ ନାୟକ, ଅଭିମନ୍ୟୁ ଜେନା, ଅରବିନ୍ଦ ବାରିକ, ସୌମ୍ୟ ପଟ୍ଟନାୟକ, ସମ୍ପଦ ଚୌଧୁରୀ, ତନ୍ମୟ ଜେନା, ସହଦେବ ସାହୁ, କିଶୋର ଭୋଇ ଓ ଅନ୍ୟମାନେ କହିଛନ୍ତି, ସମ୍ପଦଙ୍କୁ ମାଡ଼ ମରାଯାଇଥିବା ନେଇ ଅଭିଯୋଗ ପରେ ପୋଲିସ ମାମଲା (ନଂ-୧୩୭/୨୦) ରୁଜୁ କରିଛି। ମାତ୍ର ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଧାରଣାରେ ବସିଛୁ। ସେହିପରି ଆମ ବିଭାଗର ବରିଷ୍ଠ ଅଧିକାରୀମାନେ ସହଯୋଗ କରୁ ନ ଥିବାରୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗକୁ ଧାରଣା ଜାରିରହିବ। ଆନ୍ଦୋଳନରେ ବସିଥିବା କର୍ମଚାରୀଙ୍କ ପାଖରେ ଜଗତ୍‌ସିଂହପୁର ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ ବିରଜା ପ୍ରସାଦ ପାଢୀ ଓ ରଘୁନାଥପୁର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ବିଶ୍ୱରଞ୍ଜନ ଦେହୁରୀ, ସେକସନ୍ ସହକାରୀ ଯନ୍ତ୍ରୀ ଭବାନୀପ୍ରସାଦ ମହାନ୍ତି ପହଞ୍ଚି କର୍ମଚାରୀ ଓ ଥାନାଧିକାରୀଙ୍କ ସହ ଆଲୋଚନା କରିଥିଲେ। ୪ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ନିରଞ୍ଜନ ମଲ୍ଲିକ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ଯଦି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅବହେଳା କରାଯାଏ ତେବେ ପୁଣି ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ବନ୍ୟା ଉଜାଡ଼ିଛି ୫୪ ହଜାର ହେକ୍ଟର ଫସଲ

■୫ ସ୍ଥାନରେ ନଦୀବନ୍ଧ ଭାଙ୍ଗିଛି, ୭୩ ସ୍ଥାନରେ ଘଳିଆ
■ନେଲା ୨ ଜୀବନ, ଭାଙ୍ଗିଲା ୧୮ ହଜାର ଘର
■୧୩୬୬୧ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ

**କେନ୍ଦ୍ରାପଡ଼ା ଅଫିସ, ୩।୯**

ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ଚଳିତ ବନ୍ୟା ପୂର୍ବରୁ ଲଘୁଚାପ ବର୍ଷା ହୋଇଥିଲା। କ୍ଷେତରୁ ବର୍ଷା ଜଳ ନିଷ୍କାସିତ ହୋଇ ନ ଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ୭ ନଦୀରେ ବନ୍ୟା ଆସିଥିଲା । ବର୍ଷାଋତୁ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ଗତ ଏପ୍ରିଲରେ ଅନୁଷ୍ଠିତ ଜିଲା ପ୍ରଶାସନିକ ବୈଠକରେ ସୂଚନା ଦିଆଯାଇଥିଲା। ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ, ଚଳିତ ବନ୍ୟା ଚାଷୀଙ୍କ ଭାତହାଣ୍ଡି ଉଜାଡି ଦେଇଥିବା ବେଳେ ଧନଜୀବନ ଉପରେ ପ୍ରଭାବ ପକାଇଛି। ଏହି ବନ୍ୟାରେ ଜିଲାର ୮୧ ପଞ୍ଚାୟତର ୩୭୭ଟି ଗ୍ରାମ ପ୍ରଭାବିତ ହୋଇଛି । ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୭ଟି ୱାର୍ଡବାସୀ ଦୀର୍ଘଦିନ ଧରି ବନ୍ୟା ଘେରରେ ରହିଛନ୍ତି । ଜିଲାର ୫,୦୭,୫୯୫ ଜଣ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ସେହିପରି ଆଳି ଓ ରାଜକନିକା ବ୍ଲକରେ ଦୁଇଟି ଜୀବନ ନେଇଛି । ଜିଲାର ୩୮.୧୯ କିଲୋମିଟର ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ନଦୀର ୫ଟି ସ୍ଥାନରେ ବନ୍ଧ ଭାଙ୍ଗିଥିବା ବେଳେ ୭୩ଟି ସ୍ଥାନରେ ଘଳିଆ ପଡିଛି। ୭ ସ୍ଥାନରେ କଲଭର୍ଟ ଓ ୧୫୨ଟି ନଳକୂପ ପ୍ଲାଟ୍‌ଫର୍ମ ଭାଙ୍ଗିଯାଇଛି। ଏଥିସହ ଏହି ବନ୍ୟା ଜଳ ୫୪,୦୫୦ ହେକ୍ଟର ଜମିରେ ମାଡିଯାଇ ଫସଲ ନଷ୍ଟ କରିଛି। ଏଥିମଧ୍ୟରୁ ୩୬,୭୪୫ ହେକ୍ଟର ଜମିରେ ଥିବା ଫସଲ ୩୩ ପ୍ରତିଶତରୁ ଅଧିକ ନଷ୍ଟ ହୋଇଛ, ଯାହାର ଆନୁମାନିକ ମୂଲ୍ୟ ୩,୫୧୬ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି। ଜିଲାର ୧୮,୨୩୫ଟି ଘର ବନ୍ୟା ନଷ୍ଟ କରିଛି। ୪୫ଟି କଚାଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ୫୮ଟି ଘର ସଜାଡିବା ଅବସ୍ଥାରେ ନାହିଁ। ୧୩,୨୪୬ଟି ଘର ଆଂଶିକ ଭାଙ୍ଗିଛି। ୯୧୩ଟି କୁଡିଆ ଓ ୩,୮୩୪ ଗୁହାଳ ସହ ଘର ଭାଙ୍ଗିଛି। ଯାହାର ଆନୁମାନିକ ମୂଲ୍ୟ ୬୦୯.୫୬ ଲକ୍ଷ ହେବ। ଏହି ବନ୍ୟାରେ ୫୧,୯୦୧ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ ଏଥିମଧ୍ୟରୁ ୫ଟି ପଶୁଙ୍କ ଜୀବନ ଯାଇଛି।

ସେହିପରି ଜିଲାର ୭୦ ମାଛ ପୋଖରୀ ଓ ୬୮ଟି ଯାଆଁଳ କେନ୍ଦ୍ର ପ୍ରଭାବିତ ହୋଇଛି। ବିଭାଗୀୟ ତଥ୍ୟ ଅନୁଯାୟୀ, ଚଳିତ ବନ୍ୟାରେ ୪,୭୬୦.୮୬ ଲକ୍ଷ ଟଙ୍କାର ବ୍ୟକ୍ତିଗତ ସମ୍ପତ୍ତି ଓ ୮,୮୯୦.୨୧ ଲକ୍ଷ ଟଙ୍କର ସରକାରୀ ସମ୍ପତ୍ତି ନଷ୍ଟ ହୋଇଛି। ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ପ୍ରତାପ ଚନ୍ଦ୍ର ପାଢ଼ୀ, ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି, ଜିଲା ବିକାଶ ଯୋଜନାରେ ବନ୍ୟା ନିରାକରଣକୁ ଗୁରୁତ୍ୱ ଦିଆଯାଉନାହିଁ । ପ୍ରତିବର୍ଷ ବନ୍ୟା ଆସି ଜିଲାର ଧନଜୀବନ ନଷ୍ଟ କରୁଛି । ବେଣୀପୁର ଘାଇକୁ ବିଭାଗ ପକ୍ଷରୁ ୬ କୋଟି ଟଙ୍କାରେ ୨୦୧୯ରେ ସୁଦୃଢ଼ୀକରଣ କରାଯାଇଥିଲା। ତେବେ ବିରୂପା ନଦୀରେ ସାମାନ୍ୟ ଜଳପତ୍ତନରେ ଘାଇ ହେଲା । ସେହିପରି ଦୁର୍ବଳ ନଦୀବନ୍ଧ ଚିହ୍ନଟ ଓ ମରାମତିକୁ ଅଣଦେଖା କରାଯାଇଛି। ଉପାନ୍ତ ଅଞ୍ଚଳରେ ନଦୀବନ୍ଧ ଯୋଜନା ନ ଥିବାରୁ ବନ୍ୟା ଜଳ ମାଡି ଆସୁଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀ କହିଛନ୍ତି, ବନ୍ୟା ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ସମୟ ମଧ୍ୟରେ ୩୩,୬୮୫ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୧୦୧ଟି କେନ୍ଦ୍ରରେ ୫ ଦିନ ପାଇଁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ବନ୍ୟା ଅଞ୍ଚଳରେ ରାଶନ ସାମଗ୍ରୀ ଓ ଅର୍ଥ ପ୍ରଦାନ କରାଯାଇଛି । ୨,୨୫,୪୦୬ ଲୋକଙ୍କୁ ଚୁଡା, ଗୁଡ ଓ ଅନ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି । ସେହିପରି ୧,୦୬୭ଟି ନଳକୂପ, ୧,୦୦୫ଟି କୂଅକୁ ବିଶୋଧିତ କରାଯାଇଛି। ୮ଟି ମେଡିକାଲ ଟିମ୍ ସ୍ୱାସ୍ଥ୍ୟସେବାରେ ନିୟୋଜିତ ହୋଇଥିଲେ।

## ସଂକ୍ଷେପରେ

### ଘାଇ ମରାମତି ପାଇଁ ୨୦କୋଟିର ବ୍ୟୟ ଅଟକଳ

**ଧର୍ମଶାଳା, ୩।୯ (ଡି.ଏନ୍.ଏ.):** ବ୍ରାହ୍ମଣୀ ଓ ଏହାର ଶାଖା କେଲୁଅ, ଖରସ୍ରୋତା ନଦୀରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଛି। ଜାରକା ଜଳସେଚନ ଡିଭିଜନ ଅଧୀନରେ ଚଳିତ ଥର ସର୍ବାଧିକ ୨୧ ଘାଇ ହୋଇଛି। ଏହା ମରାମତି ପାଇଁ ୨୦କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ବ୍ରାହ୍ମଣୀ ନଦୀର ଜେନାପୁରଠାରେ ବିପଦ ସଙ୍କେତ ୬୭ଫୁଟ ଥିବା ବେଳେ ଏହାର ୫ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହୋଇଥିଲା। ଫଳରେ ଧର୍ମଶାଳା ବ୍ଲକ କେଲୁଅ ନଦୀରେ ୩, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବରୀ ଓ ଯାଜପୁରରେ ୧୮ଟି ଘାଇ ସୃଷ୍ଟି ହୋଇଛି। ଏହାକୁ ତୁରନ୍ତ ମରାମତି ପାଇଁ ୧୩କୋଟି ଓ ସମ୍ପୂର୍ଣ୍ଣ ମରାମତି ପାଇଁ ୨୦କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିବା ଡିଭିଜନ ନିର୍ବାହୀ ଯନ୍ତ୍ରୀ ଇଂ ଦେବାଶିଷ ପଟ୍ଟନାୟକ ସୂଚନା ଦେଇଛନ୍ତି। ବନ୍ୟାଜଳ କମିଲେ ଘାଇ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

### ୫ ବଖରା ଜଳିଗଲା

**ରାହାମା,୩।୯(ଡି.ଏନ.ଏ.):** କୁଜଙ୍ଗ ବ୍ଲକ ଅଧୀନ ତାଳପଡ଼ା ପଞ୍ଚାୟତ ତାଳପଡ଼ା ଗ୍ରାମରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ଦେବେନ୍ଦ୍ର ଦାସଙ୍କ ୫ ବଖରା ଜଳିଯାଇଛି। ଖବର ପାଇ ତିର୍ତ୍ତୋଲ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଜୀବନ ବିକଳରେ ପରିବାର ବାହାରକୁ ପଳାଇ ଆସିଥିଲେ। ଗୁରୁବାର ରାହାମା ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତିର ତଦନ୍ତ କରିଛନ୍ତି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ତୃତୀୟ ଦିନରେ ଶ୍ରମିକ ଆନ୍ଦୋଳନ

**କାଳିଆପାଣି, ୩।୯ (ଡି.ଏନ୍.ଏ.):** କାଳିଆପାଣି ଇମ୍ଫା ଖଣି ଆଗରେ ଶ୍ରମିକମାନେ ଦେଇଥିବା ଧାରଣା ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ହେଲେ ଶ୍ରମିକଙ୍କ ସମସ୍ୟା ନେଇ କୌଣସି ସମାଧାନର ସୂତ୍ର ବାହାରି ନ ଥିବାରୁ ଖଣି ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। କମ୍ପାନୀ ଶ୍ରମିକମାନଙ୍କ ଦାବିକୁ ଅଣଦେଖା କରୁଥିବାରୁ ସମସ୍ୟା ସମାଧାନ ହୋଇପାରୁ ନ ଥିବା ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ପ୍ରକାଶ କରିଛନ୍ତି। ଗୁରୁବାର ସକାଳୁ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଓ ସହ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ କମ୍ପାନୀ ଗେଟ୍ ସମ୍ମୁଖରେ ଶ୍ରମିକଙ୍କ ସହ ଧାରଣାରେ ବସିଥିଲେ। ଏ ନେଇ କମ୍ପାନୀ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନମୋହନ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ କମ୍ପାନୀ ଶ୍ରମିକମାନଙ୍କ ପ୍ରାପ୍ୟ ଦେଉଥିବା ପ୍ରକାଶ କରିଛନ୍ତି।

### ଗେଲପୁରରେ ପାଗଳା ବିଲୁଆ ଆତଙ୍କ



**ବାଲିଆ,୩।୯:** ବିରିଡି ବ୍ଲକ ଅନ୍ତର୍ଗତ ଗେଲପୁରଠାରେ ପାଗଳା ବିଲୁଆ ଆତଙ୍କ ଦେଖାଦେଇଛି। କିଛି ଦିନ ହେବ ୩ରୁ୪ଟି ବିଲୁଆ ଗାଁରେ ପଶି ଗୋରୁ, ଛେଳି ଓ ମେଣ୍ଢାଙ୍କୁ କାମୁଡିବା ସହ ସେହି ଗ୍ରାମର ୩ ଜଣ ମହିଳା ଓ ଦୁଇ ପୁରୁଷ ଲୋକଙ୍କୁ କାମୁଡ଼ିଥିବା ଜଣାପଡିଛି। ସେମାନେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଆତଙ୍କ ଶୃଷ୍ଟି କରିଥିବା ବିଲୁଆପଲଙ୍କ ମଧରୁ ଗୋଟିଏ ବିଲୁଆକୁ କେତେଜଣ ବଡେଇ ମାରିଦେଇଛନ୍ତି। ବୁଲୁଥିବା ଅନ୍ୟ ବିଲୁଆଙ୍କ ଯୋଗୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ତେଣୁ ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବନ୍ୟା ଦୁଃଖ: ଗୃହପାଳିତ ପ୍ରାଣୀଙ୍କ ସହ ରାସ୍ତାରେ ବିପନ୍ନ



ବଡଚଣା ବ୍ଲକ ଅଧୀନ କଳାଶ୍ରୀଠାରେ ପୋଲ ଉପରେ ଗୃହପାଳିତ ପ୍ରାଣୀ।

**ଚଣ୍ଡିଖୋଲ, ୩।୯ (ଡି.ଏନ୍.ଏ.)**

ଚଳିତ ବନ୍ୟାରେ ବଡ଼ଚଣା ବ୍ଲକର ୨୪ ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ନଦୀର ଜଳସ୍ତର ହ୍ରାସ ପାଇଥିଲେ ବି ଜଳ ନିଷ୍କାସନ ହୋଇ ନ ପାରିବା ଯୋଗୁ ବନ୍ୟାର ୭ ଦିନ ପରେ ବି ଗୃହ ପାଳିତ ପ୍ରାଣୀଙ୍କୁ ଧରି ରାସ୍ତା ଓ ପୋଲ ଉପରେ ବିପନ୍ନମାନେ ରହିଛନ୍ତି। ଏବେ ବି କୃଷ୍ଣଦାସପୁର ରତ୍ନଗିରି ରସ୍ତାରେ ସମ୍ପୂର୍ଣ୍ଣ ପାଣି ଛାଡ଼ିନାହିଁ। ପ୍ରଶାସନ ପକ୍ଷରୁ ସବୁ ପଞ୍ଚାୟତକୁ ଗୋଖାଦ୍ୟ ଯୋଗାଇ ଦିଆଯାଇଥିବା କୁହାଯାଉଥିବା ବେଳେ କେତେକ ପଞ୍ଚାୟତରେ ଗୋଖାଦ୍ୟ ବଣ୍ଟନ କରାଯାଇନ ଥିବା ବିପନ୍ନମାନେ କହିଛନ୍ତି। ସେହିପରି ବିପନ୍ନଙ୍କୁ ଅଦ୍ୟାବଧି ରିଲିଫ୍ ଯୋଗାଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏପରିକି ବିପନ୍ନଙ୍କୁ ପାଲ ଯୋଗାଇ ଦିଆଯାଇ ନ ଥିବା ବିପନ୍ନମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ବରେଣ୍ୟନ୍ଦୁ ମହାନ୍ତିଙ୍କୁ ପଚାରିବାରେ ପାଲ ଓ ଗୋଖାଦ୍ୟ ସମସ୍ତ ବନ୍ୟାଞ୍ଚଳରେ ଯୋଗାଇ ଦିଆଯାଇଥିବା କହିଛନ୍ତି।



ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଜିଲାନାସୀ ପଞ୍ଚାୟତ ଜୟଶଙ୍କରପୁର ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳ ବନ୍ୟା ପାଣି ଘେରରେ ରହିଛି।

# ୭ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଫସଲ କ୍ଷତିଗ୍ରସ୍ତ

**ଧର୍ମଶାଳା ବ୍ଲକରେ ବନ୍ୟା**

**ଧର୍ମଶାଳା, ୩।୯ (ଡି.ଏନ୍.ଏ.)**

ଲଘୁଚାପଜନିତ ଲଗାଣ ବର୍ଷା ଓ ପ୍ରଳୟଙ୍କାରୀ ବନ୍ୟା ଯୋଗୁ ଧର୍ମଶାଳା ବ୍ଲକ ଅଧୀନ ୪୫ ପଞ୍ଚାୟତର ୭ ହଜାର ୭ଶହ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ବ୍ଲକ କୃଷି ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ କ୍ଷୟକ୍ଷତି ଆକଳନ କରାଯାଇ ୬କୋଟି ୧ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଲାଗି ଜିଲା ପ୍ରଶାସନକୁ ରିପୋର୍ଟ ଦିଆଯାଇଛି ବୋଲି ବ୍ଲକ କୃଷି ଅଧିକାରୀ ସୂଚନା ଦେଇଛନ୍ତି। ଚଳିତବର୍ଷ ବ୍ରହ୍ମଣୀ ଓ ଶାଖାନଦୀ କେଲୁଅରେ ପ୍ରଳୟଙ୍କରୀ ବନ୍ୟା ହେବା ଯୋଗୁ ଧର୍ମଶାଳା ବ୍ଲକ ଅଧୀନ ୪୫ଟି ପଞ୍ଚାୟତର ୩୧୮ ମୌଜାରେ ୭୭୪୦ ହେକ୍ଟର ଚାଷଜମି ଜଳମଗ୍ନ ହୋଇ ଫସଲ ହାନି ଘଟିଛି। ଚଳିତ ବର୍ଷ ବ୍ଲକରେ ୧୨,୪୧୦ ହେକ୍ଟର ଜମିରେ ଧାନ ଓ ୨୯୫୫ ହେକ୍ଟର ଜମିରେ ପନିପରିବା ଚାଷ କରାଯାଇଥିଲା। କ୍ଷତିଗ୍ରସ୍ତ ଜଳସେଚନ ଜମି ପାଇଁ ହେକ୍ଟର ପିଛା ୧୩ ହଜାର ୫ଶହ ଟଙ୍କା, ଅଣ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬ ହଜାର ୮ଶହ ଟଙ୍କା ଓ ପନିପରିବା ଫସଲ ପାଇଁ ହେକ୍ଟର ପିଛା ୧୮ ହଜାର ଟଙ୍କା ଲେଖାଏଁ ସହାୟତା ଦେବା ଲାଗି କୃଷି ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ଧର୍ମଶାଳା ବ୍ଲକରେ ୫୬୮୮ ହେକ୍ଟର ଅଣ ଜଳସେଚିତ ଜମି ଓ ୧୫୬୮ ହେକ୍ଟର ଜଳସେଚିତ ଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୪୬୫ ହେକ୍ଟର ପନିପରିବା ଚାଷ (ସମୁଦାୟ ୭୭୪୦ ହେକ୍ଟର) ୪-୫ ଦିନ ଜଳମଗ୍ନ ହୋଇ ରହିବା ଯୋଗୁ ଫସଲ ନଷ୍ଟ ହୋଇଛି। ମହାମାରୀ କରୋନା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା ବେଳେ ଲଘୁଚାପ ଜନିତ ବର୍ଷା ଓ ବନ୍ୟା ବେଢ଼ି ଉପରେ କରୋଡା ସଦୃଶ ହୋଇଛି। ଚଳିତ ବର୍ଷ ବନ୍ୟାରେ ଧର୍ମଶାଳା ବ୍ଲକରେ ୮ ହାଜାରୁ ଊର୍ଦ୍ଧ୍ୱ ଜମିରେ ଫସଲ ନଷ୍ଟ ହୋଇଛି ବୋଲି କୃଷକ ନେତା ବସନ୍ତ କୁମାର ପରିଡା ଅଭିଯୋଗ କରିଛନ୍ତି। କ୍ଷୟକ୍ଷତି ନେଇ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ବ୍ଲକ ସହ କୃଷି ଅଧିକାରୀ ପଲ୍ଲବୀ ନାୟକଙ୍କ ସହ ଯୋଗାଯୋଗ କରିବାରେ ବିଭାଗୀୟ ଅଧିକାରୀ କ୍ଷତିଗ୍ରସ୍ତ ମୌଜା ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ବିଭାଗ ପକ୍ଷରୁ ନିର୍ଦ୍ଦେଶ ଆସିଲେ କ୍ଷତିଗ୍ରସ୍ତ ଚାଷୀଙ୍କ ବ୍ୟାଙ୍କ ଖାତାରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ପଣ୍ଡା ସୂଚନା ଦେଇଛନ୍ତି।

# ଦାଦାବଟି ମାଗି ଜଣେ ଗିରଫ

**ଜଗତ୍‌ସିଂହପୁର ଅଫିସ, ୩।୯**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଝଁକୋଟି ବଜାରରେ ଜଣେ ବ୍ୟକ୍ତି ଦାଦା ବଟି ମାଗିବା ସହ ଆକ୍ରମଣ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେ ହେଲେ ବେଙ୍ଗୁପୁରର ଦିଲୁ ଓରଫ ଆଲୋକ ରଞ୍ଜନ ପାତ୍ର। ଝଁକୋଟିସ୍ଥିତ ମହାବୀର ବଜାର କମିଟି ଓ ଝଁକୋଟି ଗ୍ରାମର ରାଜୀବ ମୁଦୁଲିଙ୍କ ଅଭିଯୋଗକ୍ରମେ ପୋଲିସ ପୃଥକ ଭାବେ ମାମଲା ସଂଖ୍ୟା ୨୮୮/୨୦ ଓ ୨୮୯/୨୦ ରୁଜୁ କରି ଅଭିଯୁକ୍ତ ଦିଲୁଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ମହାବୀର ବଜାର କମିଟି ପକ୍ଷରୁ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି, ପାଖାପାଖି ୧ ସପ୍ତାହ ହେବ ଦିଲୁ ଓ ଜଗତ୍‌ସିଂହପୁର ୧୦ ନମ୍ବର ଅଞ୍ଚଳର ସନ୍ତୁ ଜେନା ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ବ୍ୟବସାୟୀଙ୍କଠାରୁ ଦାଦା ବଟି ମାଗୁଥିଲେ। ଏଥିଯୋଗୁ ବ୍ୟବସାୟୀମାନେ ଚିନ୍ତାଗ୍ରସ୍ତ ଅଛନ୍ତି। ସେହିପରି ଝଁକୋଟିର ମୁଦୁଲି ଅଭିଯୋଗରେ ଦର୍ଶାଇଥିଲେ ସେ ଗୁରୁବାର ସକାଳ ପ୍ରାୟ ୬ଟା୩୦ରେ ଘରୁ ବାହାରି ଚା ପିଇବାକୁ ଝଁକୋଟି ବଜାର ଯାଇଥିଲେ। ଏହି ସମୟରେ ଦିଲୁ ତାଙ୍କ ପାଖରେ ପହଞ୍ଚି ଗାଳିଗୁଲଜ କରିବା ସହ ଏକ ଭୁଜାଲିରେ ଆକ୍ରମଣ କରିଥିଲେ ସୁଦ୍ଧା ସେ ବର୍ତ୍ତି ଯାଇଥିଲେ। ତେବେ ଦିଲୁ ସ୍ଥାନ ଛାଡିଲାବେଳେ ବୋମା ପକାଇ ହତ୍ୟା କରିଦେବେ ବୋଲି ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ରାଜ୍ୟ କଂଗ୍ରେସ ପ୍ରତିନିଧି ଦଳର ରମ୍ଭାପୁର ଘାଇ ପରିଦର୍ଶନ



ଘାଇ ପରିଦର୍ଶନ ବେଳେ ବିଧାୟକ ସୁରେଶ ରାଉତରାୟଙ୍କ ସହ ସମର୍ଥକମାନେ।

**ଧର୍ମଶାଳା, ୩।୯ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ କେଲୁଅ ନଦୀର ରମ୍ଭାପୁରଠାରେ ହୋଇଥିବା ଘାଇକୁ ନେଇ ଏବେ ରାଜନୀତି ଜୋରଧରିଛି । ବୁଧବାର ରାଜ୍ୟ ଭାଜପାର ଏକ ଟିମ୍ ଆସି ଘାଇ ଅଞ୍ଚଳ ପରିଦର୍ଶନ କରିଥିବା ବେଳେ ଗୁରୁବାର ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ରାଜ୍ୟ କଂଗ୍ରେସର ଏକ ପ୍ରତିନିଧି ଦଳ ଘାଇ ବୁଲି ଦେଖିଛନ୍ତି । ଏହି ଟିମ୍ ଘାଇ ବୁଲିବା ପରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ଘାଇ ମନୁଷ୍ୟକୃତ ବୋଲି କହି ଏହାର ସିବିଆଇ ତଦନ୍ତ କରିବାକୁ ରାଉତରାୟ ଦାବି କରିଥିଲେ । ଠିକାଦାରି ପାଇଁ ଏହି ନଦୀ ବନ୍ଧକୁ ଡିନାମାଇଟ ଦ୍ୱାରା ଫଟାଇ ଦିଆଯାଇଛି ବୋଲି ଟିମ୍ ସହ ଆସିଥିବା କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ କଂଗ୍ରେସର ଜିଲା ସଭାପତି, ମନୋଜ ରାଉତ, କିଷାନ ପଣ୍ଡା, ସ୍ମୃତିରେଖା ପହୀ ଓ ଶ୍ରୀନାଥ ମିଶ୍ର ପ୍ରମୁଖ ସାମିଲ ଥିଲେ। ଗତ ୨୮ ତାରିଖ ରାତିରେ କେଲୁଅ ନଦୀର ରମ୍ଭାପୁରଠାରେ ଘାଇ ସୃଷ୍ଟି ହୋଇଥିଲା। ଏହା ଏକ ମନୁଷ୍ୟକୃତ ଘାଇ ବୋଲି ଜଳସେଚନ ବିଭାଗ ପକ୍ଷରୁ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

# ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି

**ଖଣ୍ଡପଡ଼ା,୩।୯(ସ୍ୱ.ପ୍ର.)**

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବନ୍ୟା ଜଳ ନଦୀତଟବର୍ତ୍ତୀ ସିଧାମୂଳା, ବଡବାଣପୁର, କଣ୍ଟିଲୋ ପ୍ରଭୃତି ପଞ୍ଚାୟତର ଚାଷ ଓ ପନିପରିବା ଜମିରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ୩ଦିନ ହେଲା ମହାନଦୀରେ ବନ୍ୟାଜଳ ହ୍ରାସ ପାଇଥିଲେ ହେଁ ଅଦ୍ୟାବଧି ଚାଷ ଜମିରେ ଜଳ ଜମି ରହିଛି। ଖଣ୍ଡପଡା ବ୍ଲକ କୃଷି ବିଭାଗ ଅଧିକାରିଣୀ ଓ ତହସିଲ ପ୍ରଶାସନର ବରିଷ୍ଠ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରି ସହାୟତା ଯୋଗାଇବାକୁ ସାଧାରଣରେ ଦାବି ହେଉଛି।

# ଆର୍‌ଡିସିଙ୍କ ବିରୋଧରେ କଣ୍ଟେମ୍ପ୍ଟ କେସ୍ ରୁଜୁ

**ଭୂମିହୀନଙ୍କୁ ପଟ୍ଟା ମାମଲା**

**କେନ୍ଦ୍ରାପଡ଼ା ଅଫିସ, ୩।୯**

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ତହସିଲ ଅଞ୍ଚଳରେ ଜମି ଥାଇ ମଧ୍ୟ ଭୂମିହୀନ ଯୋଜନାରେ ସାମିଲ ହେଉଛନ୍ତି। ଏପରି ଅଭିଯୋଗର ବିଚାର ପାଇଁ ରାମନଗର ଗ୍ରାମର ଅମିତାଭ ଚାନ୍ଦ ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନେଇଥିଲେ। ଉଚ୍ଚ ନ୍ୟାୟାଳୟ ଏହି ସମସ୍ୟାକୁ ୪ ମାସ ମଧ୍ୟରେ ସମାଧାନ ପାଇଁ ଗତ ଜାନୁୟାରୀରେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଦ୍ୟାବଧି ସମାଧାନ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଅଭିଯୋଗକାରୀ ଚାନ୍ଦ ଆର୍‌ଡିସିଙ୍କ ବିରୋଧରେ ଏକ କଣ୍ଟେମ୍ପ୍ଟ କେସ୍ (ନଂ୩୨୬୦/୨୦) କରିଛନ୍ତି। ଅଭିଯୋଗକାରୀ ଚାନ୍ଦ କୁହନ୍ତି, ଜନସାଧାରଣଙ୍କ ବାସସ୍ଥାନ ପରି ମୌଳିକ ଆବଶ୍ୟକତାକୁ ପୂରଣ ପାଇଁ ଭୂମିହୀନଙ୍କୁ ସ୍ଥାନ ଚିହ୍ନଟ ସହ ପଟ୍ଟା ଯୋଗାଇ ଦେଉଛନ୍ତି । ତେବେ ମହାକାଳପଡା ତହସିଲ ଅଞ୍ଚଳରେ ଏହାର ଦୁରୁପଯୋଗ ହେଉଛି। ଖରିନାସୀ ମୌଜା ଖାତା ନଂ.୬୭/୩୭ରେ ଦିଆଯାଇଥିବା ହିତାଧିକାରୀଙ୍କର ୨୦ ଏକରରୁ ଅଧିକ ସମ୍ପତ୍ତି ଅଛି । ଏଥିସହିତ ଏହି ପରିବାରର ରାମନଗର ଅଞ୍ଚଳରେ ବହୁତାଲା ବିଶିଷ୍ଟ ଘର, ଲେନ୍ଦ୍ ବ୍ୟବସାୟ, ରାଶନ ବ୍ୟବସାୟ ସହିତ ଚାରିଚକିଆ ଗାଡି ଅଛି। ଏସବୁ ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ମିଳିଛି । ଏହି ପରିବାର ପରି ବହୁ ବ୍ୟକ୍ତିଙ୍କୁ ଭୂମିହୀନ ଦର୍ଶାଇ ଘର ପାଇଁ ପଟ୍ଟା ଦିଆଯାଉଥିବାରୁ ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରା ଲୋଡିଥିଲି ।

# ବିପଦ ସୃଷ୍ଟି କରୁଛି ବିଦ୍ୟୁତ୍ ଖୁଣ୍ଟ

**ଖଣ୍ଡପଡ଼ା,୩।୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହର ମୁଖ୍ୟ ରାସ୍ତାର କୁମ୍ଭାରସାହି ନିକଟରେ ଥିବା ପୁରୁଣା ବିଦ୍ୟୁତ୍ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ସିମେଣ୍ଟ ଖୁଣ୍ଟର ଉପର ଅଂଶଟି ଭାଙ୍ଗିଯାଇଛି। ବିଦ୍ୟୁତ୍ ତାର ଛନ୍ଦି ହୋଇ ରହିଥିବାରୁ କୌଣସି ସମୟରେ ଉପର ଅଂଶଟି ଖସିପଡି ବିପଦର କାରଣ ପାଲଟିପାରେ। ତେଣୁ ବିଦ୍ୟୁତ୍ ବିଭାଗ ସେସୁ ଓ ଟିପିସିଓଏଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବିଦ୍ୟାଳୟ ମିଶ୍ରଣ ବିରୋଧରେ ଧାରଣା

**ବାଲିଆ,୩।୯**

ବିରିଡି ବ୍ଲକ ବଡ଼ଖଣ୍ଡାଏତା ଗ୍ରାମପଞ୍ଚାୟତର ବୁଢୀ ଜାଗୁଲାଇ ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟ ଏକ ବିଦ୍ୟାଳୟରେ ମିଶ୍ରଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିବାରୁ ସେଠାକାର ଗ୍ରାମବାସୀ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ଗୁରୁବାର ସେମାନେ ବିଦ୍ୟାଳୟ ପରିସରରେ ଧାରଣାରେ ବସିଥିଲେ। ସିଆରସିସି ଶରତ ଚନ୍ଦ୍ର ଓଝା ପହଞ୍ଚି ଗ୍ରାମବାସୀ ଓ ଅଭିଭାବକଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ସେମାନେ ଉପରିସ୍ଥ ଅଧିକାରୀଙ୍କୁ ଡାକିବାକୁ ଜିଦ ଧରିବାରୁ ଖବର ପାଇ ଏବିଇଓ କନକଲତା ଦାଶ ପହଞ୍ଚି ଅଭିଭାବକ ଓ ଗ୍ରାମବାସୀଙ୍କ ଅଭିଯୋଗ ଶୁଣିଥିଲେ। ପରେ ଗ୍ରାମବାସୀ ଦେଇଥିବା ଅଭିଯୋଗକୁ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ନେଇ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଚେଷ୍ଟା କରାଯିବ ବୋଲି କହିଥିଲେ। ଏହାପରେ ଗ୍ରାମବାସୀ ଓ ଅଭିଭାବକ ଧାରଣାରୁ ଓହରି ଯାଇଥିଲେ।

ପ୍ରକାଶଯୋଗ୍ୟ, ୨୦୨୦-୨୧ ଶିକ୍ଷାବର୍ଷଠାରୁ ବିରିଡି ବ୍ଲକର କେତେକ ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟ ସହିତ ମିଶ୍ରଣ କରାଯିବାକୁ ପ୍ରସ୍ତାବ ଥିବାବେଳେ ଜାଗୁଲାଇ ପ୍ରାଥମିକ ବିଦ୍ୟାଳୟ ତେନ୍ତୁଳିଆ ପ୍ରାଥମିକ ବିଦ୍ୟାଳୟରେ ମିଶିବା ସମ୍ଭାବନା ରହିଛି। ତେବେ ଏହି ବିଦ୍ୟାଳୟରେ ବର୍ତ୍ତମାନ ୨୯ ଛାତ୍ରୀଛାତ୍ର ଅଛନ୍ତି। ସେଥିରୁ ଅଧିକାଂଶ ତଫସିଲ ଭୁକ୍ତ ଶ୍ରେଣୀର ଛାତ୍ରୀଛାତ୍ର ହୋଇଥିବାବେଳେ ସେମାନେ ନଡିଆଗୁଡି, ଅରଙ୍ଗାବାଦ, ବଡଖଣ୍ଡାଏତା ପ୍ରାୟ ଏକ କିଲୋମିଟରରୁ ଊର୍ଦ୍ଧ୍ୱ ଜଗୁଲାଇ ବିଦ୍ୟାଳୟକୁ ଆସିଥାନ୍ତି। ତେବେ ମିଶ୍ରଣ ହେବାକୁ ଥିବା ବିଦ୍ୟାଳୟ ବହୁ ଅଧିକ ରାସ୍ତା ହେଉଥିବାରୁ ସେଠାକୁ ପିଲାଙ୍କୁ ପଠାଇବା ସମ୍ଭବ ପର ନୁହେଁ। ତେଣୁ ଜାଗୁଲାଇ ବିଦ୍ୟାଳୟକୁ ବନ୍ଦ ନ କରିବାକୁ ସେଠାକାର ଗ୍ରାମବାସୀ ସମୀର ଖୁଣ୍ଟିଆ, ଦିଲୀପ ଲେଙ୍କା, ବିଜୟ ବେହେରା, ଲକ୍ଷ୍ମୀପ୍ରିୟା ଖୁଣ୍ଟିଆ, ଅନସୂୟା ଲେଙ୍କା, ନିରୁପମା ଖୁଣ୍ଟିଆ, ଭାରତୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ଭୋଇ, କମଳା ଭୋଇ, ସଂଯୁକ୍ତା ଭୋଇ, ବେଣା ଭୋଇ, ସୁନନ ବେହେରା ଓ ପାର୍ଥସାରଥି ଭୋଇ ପ୍ରମୁଖ ଦାବି କରିଛନ୍ତି। ଗ୍ରାମବାସୀ ମଧ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଲିଖିତ ଦାବିପତ୍ର ଦେଇଛନ୍ତି।



ଧାରଣାରେ ବସିଥିବା ଅଭିଭାବକ ଓ ଗ୍ରାମବାସୀ

